# NATIONAL NEWS BULLETIN (ODIA)

## 12 March - 2024

## Mid Bulletin : 1.50 p.m.

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅହମ୍ମଦାବାଦ ଠାରେ ୮୫ ହଜାର କୋଟି ଟଙ୍କା ମୂଲ୍ୟର ରେଳ ପ୍ରକଳ୍ପ ଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି ଓ ଶିଳାନ୍ୟାସ କରିଛନ୍ତି ।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମରିସସ୍‌ର ନ୍ୟାଶନାଲ୍ ଡେ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ ।
- ହରିଆଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର ଆଜି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି ।
- ଭାରତର ନାଗରିକତ୍ୱ ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କ ଲାଗି ସରକାର ଏକ ନୂଆ ପୋର୍ଟାଲ ଖୋଲିଛନ୍ତି ।

ଏବଂ

- ଜାତୀୟ ନିରାପତ୍ତା ଉପଦେଷ୍ଟା ଅଜିତ ଡୋବାଲ୍’ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଙ୍କ ସହ ତେଲ୍ ଆଭିଭ୍‌ରେ କଥାବାର୍ତ୍ତା କହିଛନ୍ତି ।

# ପିଏମ୍-ଗୁଜରାତ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅହମ୍ମଦାବାଦ ଠାରେ ୮୫ ହଜାର କୋଟି ଟଙ୍କା ମୂଲ୍ୟର ରେଳ ପ୍ରକଳ୍ପ ଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି ଓ ଶିଳାନ୍ୟାସ କରିଛନ୍ତି । ସେ ୧୦ଟି ନୂଆ ବନ୍ଦେ ଭାରତ ଟ୍ରେନ୍‌ର ଚଳାଚଳକୁ ଶୁଭାରମ୍ଭ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ଅହମ୍ମଦାବାଦ-ମୁମ୍ବାଇ ସେଣ୍ଟ୍ରାଲ, ସିକନ୍ଦରାବାଦ-ବିଶାଖାପଟନମ୍, ମହୀଶୂର-ଡକ୍ଟର ଏମ୍.ଜି.ଆର୍. ସେଣ୍ଟର, ପାଟନା-ଲକ୍ଷ୍ନୌ, ନିଉଜଲପାଇଗୁଡ଼ି-ପାଟନା, ପୁରୀ-ବିଶାଖାପଟନମ୍, ଲକ୍ଷ୍ନୌ-ଡେରାଡୁନ୍, କଲାଗୁରଗି-ସାର୍ ଏମ୍.ବିଶ୍ୱେଶ୍ୱରାୟ ଟର୍ମିନାଲ୍ ବେଙ୍ଗାଲୁରୁ, ରାଞ୍ଚି-ବାରଣାସୀ, ଖଜୁରାହ-ଦିଲ୍ଲୀ ନିଜାମୁଦ୍ଦିନ । ଶ୍ରୀ ମୋଦୀ ୪ଟି ଉପସ୍ଥିତ ବନ୍ଦେ ଭାରତ ଟ୍ରେନ୍‌ର ସଂପ୍ରସାରଣକୁ ଶୁଭାରମ୍ଭ କରିଛନ୍ତି । ତାହା ମଧ୍ୟରେ ଅହମ୍ମଦାବାଦ-ଜାମନଗର ବନ୍ଦେଭାରତ ଟ୍ରେନ୍ ରହିଛି, ଯାହାକୁ ଦ୍ୱାରକା ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଛି ।

ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତୀୟ ରେଳବାଇର ବିକାଶ NDA ସରକାରଙ୍କର ଏକ ପ୍ରମୁଖ ଅଗ୍ରାଧିକାର କ୍ଷେତ୍ର ରହିଛି । ସେ କହିଛନ୍ତି ଭାରତୀୟ ରେଳବାଇ ପୂର୍ବତନ ସରକାରମାନଙ୍କ ରାଜନୈତିକ ସ୍ୱାର୍ଥର ଶିକାର ହୋଇ ଆସୁଥିଲା । ବର୍ତ୍ତମାନ ଏଥିରେ ବ୍ୟାପକ ରୂପାନ୍ତରଣ ହୋଇଛି । ସେ କହିଛନ୍ତି ତାଙ୍କ ସରକାର କ୍ଷମତାକୁ ଆସିବା ପରେ ରେଳ ନେଟଓ୍ୱାର୍କ ବୃଦ୍ଧି, ରେଳ ମୌଳିକ ଢ଼ାଞ୍ଚାର ଆଧୁନିକୀକରଣ, ଯାତ୍ରୀମାନଙ୍କୁ ଅଧିକା ସୁବିଧା ପ୍ରଦାନ ଓ ମେକ୍

ଇନ୍ ଇଣ୍ଡିଆ ପଦାର୍ଥ ଗୁଡ଼ିକର ରେଳ ପ୍ଲାଟଫର୍ମରେ ବିକ୍ରି ପାଇଁ କାର୍ଯ୍ୟ କରୁଛନ୍ତି । ଆତ୍ମନିର୍ଭର ଭାରତ ପାଇଁ ଭାରତୀୟ ରେଳବାଇ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ସେ କହିଛନ୍ତି । ଭାରତକୁ ଏକ ଯୁବାଦେଶ ଭାବେ ଅଭିହିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆଜି ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ଗୁଡ଼ିକ ଭାରତୀୟ ଯୁବାମାନଙ୍କ ପାଇଁ ଉଦ୍ଦିଷ୍ଟ । ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ପ୍ରକଳ୍ପ ଗୁଡ଼ିକ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ଗ୍ୟାରେଣ୍ଟି ପ୍ରଦାନ କରୁଛି ।

ପ୍ରଧାନମନ୍ତ୍ରୀ ୨ଟି ଡେଡିକେଟେଡ୍ ମାଲ୍ ପରିବହନ କରିଡରକୁ ଉଦଘାଟନ କରିଛନ୍ତି ଓ ୫୧ଟି ଗତିଶକ୍ତି ମଲ୍ଟି ମୋଡାଲ୍ କାର୍ଗୋ ଟର୍ମିନାଲ୍‌କୁ ଉତ୍ସର୍ଗ କରିଛନ୍ତି । ସେ ମଧ୍ୟ ୧୫ଶହଟି **ୱାନ୍ ଷ୍ଟେସନ୍ ୱାନ୍ ପ୍ରଡକ୍ଟ** ଷ୍ଟଲ୍‌କୁ ଉତ୍ସର୍ଗ କରିଛନ୍ତି । କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ୨୦ ହଜାର କୋଟି ଟଙ୍କା ମୂଲ୍ୟର ପେଟ୍ରୋ-ରସାୟନ ପ୍ରକଳ୍ପକୁ ଉତ୍ସର୍ଗ ଓ ଶିଳାନ୍ୟାସ କରିଛନ୍ତି । ଗୁଜରାଟକୁ ଦିନିକିଆ ଗସ୍ତ ସମୟରେ ଶ୍ରୀ ମୋଦୀ କୋଚରାବ ଆଶ୍ରମର ପୁନର୍ବିକାଶ ଓ ଉଦ୍‌ଘାଟନ କରିଛନ୍ତି ଏବଂ ଗାନ୍ଧି ଆଶ୍ରମ ମେମୋରିଆଲ୍ ମାଷ୍ଟର ପ୍ଲାନ୍‌କୁ ଆରମ୍ଭ କରିଛନ୍ତି ।

ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେଉଁ ଦେଶ ଏହାର ଐତିହ୍ୟକୁ ସଂରକ୍ଷିତ କରି ରଖିପାରେ ନାହିଁ, ସେହି ଦେଶ ତା'ର ଭବିଷ୍ୟତ ହରାଇଥାଏ । ସେ କହିଛନ୍ତି ସାବରମତୀ ଆଶ୍ରମ ଦେଶ ଓ ବିଶ୍ୱର ଏକ ଐତିହ୍ୟସ୍ଥଳୀ । ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ମଧ୍ୟ ସାବରମତୀ ଆଶ୍ରମ ବିକଶିତ ଭାରତର ତୀର୍ଥସ୍ଥଳୀ ହୋଇ ରହିଛି । ତାଙ୍କ

ସରକାର ଦେଶର ଐତିହ୍ୟ ଗୁଡ଼ିକୁ ସଂରକ୍ଷିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।

ସାବରମତୀ ଆଶ୍ରମ ମାଷ୍ଟର ପ୍ଲାନ୍‌ରେ ବର୍ତ୍ତମାନର ୫ ଏକର ଅଞ୍ଚଳକୁ ୫୫ ଏକରକୁ ସଂପ୍ରସାରିତ କରାଯିବ ।

## ପିଏମ୍-ପୋଖରାନ୍

ପ୍ରଧାନମନ୍ତ୍ରୀ ଆଜି ରାଜସ୍ଥାନର ପୋଖରାନକୁ ଗସ୍ତ କରିବେ । ସେଠାରେ ସେ ଭାରତ ଶକ୍ତି ସମରାଭ୍ୟାସର ପରିଦର୍ଶନ କରିବେ । ଭାରତ ଶକ୍ତି ସମରାଭ୍ୟାସରେ ଦେଶୀୟ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରଶସ୍ତ୍ର ଗୁଡ଼ିକର ପ୍ରଦର୍ଶନ କରାଯିବ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏଥିରେ ପ୍ରଦର୍ଶିତ ହେବାକୁ ଥିବା ଅସ୍ତ୍ରଶସ୍ତ୍ର ଗୁଡ଼ିକ ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାକୁ ଉଦ୍ଦିଷ୍ଟ । ପୋଖରାନ ପ୍ରତ୍ୟେକ ଭାରତୀୟଙ୍କ ଭାବନା ସହ ଜଡ଼ିତ ବୋଲି ସେ କହିଛନ୍ତି ।

## ପ୍ରେଜ୍-ମରିସସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଭାରତ ଏକ ଜ୍ଞାନ ଅର୍ଥନୀତିରେ ପରିଣତ ହେବା ପାଇଁ ଶିକ୍ଷା ଓ ଯୁବାମାନଙ୍କୁ କ୍ଷମତାପନ୍ନ କରିବାକୁ ପ୍ରାଧାନ୍ୟ ଦେଉଛି । ସେ କହିଛନ୍ତି ନୂଆନୂଆ ବିଶ୍ୱବିଦ୍ୟାଳୟ ଓ କଲେଜ ଗୁଡ଼ିକୁ ଗ୍ରାମାଞ୍ଚଳରେ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି । ରାଷ୍ଟ୍ରପତି

କହିଛନ୍ତି ୪୦୦ଟି ନୂଆ ବିଶ୍ୱବିଦ୍ୟାଳୟ, ୭୫ଟି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ, ୧୪ଟି ନୂଆ AIIMS , ୭ଟି ନୂଆ IIT ଓ IIM ଗୁଡ଼ିକ ଗତ ୧୦ବର୍ଷ ଭିତରେ ଖୋଲାଯାଇଛି । ମରିସସ୍ ବିଶ୍ୱବିଦ୍ୟାଳୟ ଠାରେ ଅନରାରି ଡିଗ୍ରୀ ପ୍ରଦାନ ଉତ୍ସବରେ ଯୋଗଦେବା ଅବସରରେ ଶ୍ରୀମତୀ ମୁର୍ମୁ ଏହା କହିଛନ୍ତି । କାର୍ଯ୍ୟକ୍ରମ ସମୟରେ ତାଙ୍କୁ **ଡିଗ୍ରୀ ଅଫ୍ ଡକ୍ଟର ଅଫ୍ ସିଭିଲ୍ ଲ୍** ରେ ଭୂଷିତ କରାଯାଇଥିଲା ।

ରାଷ୍ଟ୍ରପତି ଭାରତର ଜାତୀୟ ଶିକ୍ଷାନୀତିର ପ୍ରଶଂସା କରି ଭାରତ ଏହାର ବିବିଧ ଜନସଂଖ୍ୟାର ଉପଯୋଗ କରି ଜ୍ଞାନଭିତ୍ତିକ ମହାଶକ୍ତିରେ ପରିଣତ ହେବାକୁ ଯାଉଥିବାର ସେ କହିଛନ୍ତି । ଭାରତ-ମରିସସ୍ ସଂପର୍କର ଉଲ୍ଲେଖ କରି ରାଷ୍ଟ୍ରପତି କହିଛନ୍ତି ଦୁଇଦେଶ ଭାରତ ମହାସାଗର ଅଞ୍ଚଳର ଘନିଷ୍ଠ ରାଷ୍ଟ୍ର ରହିଛନ୍ତି । ସେ କହିଛନ୍ତି ମରିସସ୍' ଭାରତର ଆଫ୍ରିକୀୟ ଦେଶ ସହ ସଂପର୍କ ବୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ରାଷ୍ଟ୍ରପତି ମରିସସ୍ର ନ୍ୟାଶନାଲ୍ ଡେ' ଅବସରରେ  ମରିସସର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । କାର୍ଯ୍ୟକ୍ରମ ସମୟରେ ମରିସସ୍ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଉପସ୍ଥିତ ଥିଲେ । ତାଙ୍କ ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରବାସୀ ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେବେ । ସେ ମରିସସ୍ ନ୍ୟାଶନାଲ୍ ଡେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ସମ୍ବାଦସେବା ବିଭାଗ ସମ୍ପାଦକୀୟ କାର୍ଯ୍ୟନିର୍ବାହୀ ଓ ସମ୍ବାଦପାଠକ ତଥା ଅନୁବାଦକ ପଦବୀ ପାଇଁ ଆବେଦନ ଲୋଡ଼ିଛି । ଅଭିଜ୍ଞ ପ୍ରାର୍ଥୀମାନେ ଠିକା ଭିତ୍ତିରେ ନିଯୁକ୍ତି ପାଇବା ପାଇଁ ଆବେଦନ କରିପାରିବେ । ଦେଶର ବିଭିନ୍ନ ଭାଗରେ ଥିବା ଆଞ୍ଚଳିକ ସମ୍ବାଦ ୟୁନିଟ୍ ଗୁଡ଼ିକରେ ସେମାନଙ୍କୁ ନିଯୁକ୍ତି ଦିଆଯିବ । ଆବେଦନ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ newsonair.gov.in/vacancies ରେ ଉପଲବ୍ଧ ହେବ । ଆବେଦନ ଗ୍ରହଣ କରିବାର ଶେଷ ଦିନ ଆସନ୍ତା ୧୯ ତାରିଖ ରହିଛି ।

## ଏମ୍ଇଏ-ଅରୁଣାଚଳ ପ୍ରଦେଶ

ଅରୁଣାଚଳ ପ୍ରଦେଶକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଉପରେ ଚୀନ ଦେଇଥିବା ମନ୍ତବ୍ୟକୁ ଭାରତ ପ୍ରତ୍ୟାଖ୍ୟାନ କରିଛି । ବୈଦେଶିକ ବିଭାଗ ମୁଖପାତ୍ର ରଣଦୀପ ଜୟସ୍ୱାଲ କହିଛନ୍ତି  ଅରୁଣାଚଳ ପ୍ରଦେଶ ସର୍ବଦା ଭାରତର ଅବିଚ୍ଛେଦ୍ୟ ଅଂଶ ଥିଲା, ରହିଛି ଓ ରହିବ । ଶ୍ରୀ ଜୟସ୍ୱାଲ କହିଛନ୍ତି ଭାରତୀୟ ନେତାମାନେ ଦେଶର ଅନ୍ୟାନ୍ୟ ରାଜ୍ୟ ଭଳି ଅରୁଣାଚଳ

ପ୍ରଦେଶକୁ ବିଭିନ୍ନ ସମୟରେ ଗସ୍ତ କରୁଛନ୍ତି । ସେ କହିଛନ୍ତି ଚୀନ୍' ଭାରତର ଆଭିମୁଖ୍ୟ ସହ ଭଲ ଭାବେ ପରିଚିତ ।

## ହରିଆଣା ସିଏମ୍-ରିଜାଇନ୍

ହରିଆଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର ଆଜି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ଏହା ପୂର୍ବରୁ ସେ ଚଣ୍ଡୀଗଡ଼ଠାରେ ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟଙ୍କୁ ସାକ୍ଷାତ କରିଥିଲେ । ଶାସକ ମେଣ୍ଟରେ ବିଭାଜନର କଳ୍ପନାଜଳ୍ପନା ମଧ୍ୟରେ ଶ୍ରୀ ଖଟ୍ଟର ଓ ତାଙ୍କର ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ଇସ୍ତଫା ଦେଇଥିବାର କୁହାଯାଉଛି । ୨୦୨୪ ଲୋକସଭା ନିର୍ବାଚନରେ ଆସନ ବଣ୍ଟନକୁ କେନ୍ଦ୍ରକରି ଏହା ହୋଇଥିବାର ଅନୁମାନ କରାଯାଇଛି । ଦୀର୍ଘ ସାଢ଼େ୪ ବର୍ଷର ମେଣ୍ଟ ପରେ ବିଜେପି ଓ JJP ମଧ୍ୟରେ ମେଣ୍ଟ ଭାଙ୍ଗିଯାଇଛି ।

ଇତିମଧ୍ୟରେ ବିଜେପି କହିଛି ରାଜ୍ୟରେ ଏକାକୀ ସରକାର ଗଠନ କରିବାକୁ ଏହା ପାଖରେ ଯଥେଷ୍ଟ ସଂଖ୍ୟକ ବିଧାୟକ ରହିଛନ୍ତି । ୨୦୧୯ରେ ବିଜେପି ହରିଆଣାର ସମସ୍ତ ୧୦ଟିଯାକ ଲୋକସଭାରେ ବିଜୟୀ ହୋଇଥିଲା ।

## ସିଏଏ ୱେବ୍‌ସାଇଟ୍

ନାଗରିକତ୍ୱ ସଂଶୋଧନ ଆଇନ-୨୦୧୯ ଅନୁସାରେ ଭାରତର ନାଗରିକତ୍ୱ ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କ ଲାଗି ସରକାର ଏକ ନୂଆ ପୋର୍ଟାଲ ଖୋଲିଛନ୍ତି । ଏଥିପାଇଁ indian citizenship online.nic.in ରେ ଆବେଦନ କରାଯାଇ ପାରିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ CAA-2019 ନାମକ ଏକ ମୋବାଇଲ୍ ଆପ୍ ଆରମ୍ଭ କରିବାକୁ ଯାଉଛି । ଏହା ମାଧ୍ୟମରେ ମଧ୍ୟ ଆବେଦନ କରାଯାଇ ପାରିବ । ଗତକାଲି ନାଗରିକତ୍ୱ ସଂଶୋଧନ ଆଇନ -୨୦୨୪ ଉପରେ ବିଜ୍ଞପ୍ତି ଜାରି ହୋଇଥିଲା ।

## ଡୋବାଲ୍-ଇସ୍ରାଏଲ୍

ଜାତୀୟ ନିରାପତ୍ତା ଉପଦେଷ୍ଟା ଅଜିତ ଡୋବାଲ୍' ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଙ୍କୁ ତେଲ୍ ଆଭିବ୍‌ରେ ସାକ୍ଷାତ କରି ଗାଜା ରେ ହମାସ୍ ବିରୁଦ୍ଧରେ ଚାଲିଥିବା ଯୁଦ୍ଧ ବିଷୟରେ ଆଲୋଚନା କରିଛନ୍ତି । ଗତକାଲି ଅନୁଷ୍ଠିତ ଏହି ବୈଠକରେ ମାନବୀୟ ସହାୟତା ଯୋଗାଣ ଓ ପଣବନ୍ଦୀମାନଙ୍କୁ ମୁକ୍ତ କରାଯିବା ବିଷୟ ଉପରେ ଆଲୋଚନା କରାଯାଇଥିଲା । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ଶ୍ରୀ ନେତାନ୍ୟାହୁ ଓ ଶ୍ରୀ ଡୋବାଲ୍‌ଙ୍କ ମଧ୍ୟରେ କଥାବାର୍ତ୍ତା ସମୟରେ ଯୁଦ୍ଧ ସମ୍ବନ୍ଧୀୟ ସ୍ଥିତାବସ୍ଥା ବିଷୟରେ ଆଲୋଚନା ହୋଇଛି ।

ଦକ୍ଷିଣ ଗାଜା ର ରାଫା ସହରରେ ସାମରିକ  କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ବିଷୟ ଶ୍ରୀ ନେତାନ୍ୟାହୁ ଗତ ରବିବାର ଦିନ ଦୋହରାଇଥିଲେ ।

# ଏନ୍ଆଇଏ ସର୍ଚ୍ଚ

ଜାତୀୟ ତଦନ୍ତକାରୀ ସଂସ୍ଥା ଦେଶର ୩୦ଟି ସ୍ଥାନରେ ଖାନତଲାସି କରୁଛି । ଏହି ଖାନତଲାସି ସନ୍ତ୍ରାସବାଦୀ ଓ ଅପରାଧୀମାନଙ୍କ ମଧ୍ୟରେ ଗୁପ୍ତ ସଂପର୍କକୁ ନେଇ କରାଯାଉଛି । ପଞ୍ଜାବ, ହରିଆଣା, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଚଣ୍ଡୀଗଡ଼ରେ ଖାନତଲାସ କରାଯାଉଥିବାର ଜଣାପଡ଼ିଛି ।

# ଚିଲି ପ୍ଲେନ୍

ସିଡ୍‌ନୀରୁ ନ୍ୟୁଜିଲ୍ୟାଣ୍ଡର ଅକ୍‌ଲ୍ୟାଣ୍ଡକୁ ଯାଉଥିବା ଚିଲିର ଏକ ବିମାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଭୀଷଣ କମ୍ପନ ସୃଷ୍ଟି ହେବାରୁ ଅତିକମ୍‌ରେ ୫୦ ଜଣ ଯାତ୍ରୀ ଆହତ ହୋଇଥିବାର ଖବର ମିଳିଛି । ଲାତମ୍ ଏୟାରଲାଇନ୍ସ କହିଛି ବିମାନ ଉଡ଼ାଣ କରୁଥିବା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିମାନରେ ଭୀଷଣ କମ୍ପନ ସୃଷ୍ଟି ହୋଇଥିଲା । ତେବେ ବିମାନରେ କ'ଣ ଘଟିଥିଲା, ସେ ସଂକ୍ରାନ୍ତରେ ସବିଶେଷ ଭାବେ କିଛି କୁହାଯାଇ ନାହିଁ । ଜଣେ ଆମ୍ବୁଲାନ୍ସ ମୁଖପାତ୍ର କହିଛନ୍ତି ଅଳ୍ପ ଆଘାତ ପାଇଥିବା ୫୦ଜଣ ବିମାନ

ଯାତ୍ରୀଙ୍କର  ଅକ୍‌ଲ୍ୟାଣ୍ଡରେ ଚିକିତ୍ସା କରାଯାଇଛି ଓ ସେମାନଙ୍କ ମଧ୍ୟରୁ ୧୩ଜଣଙ୍କୁ ହସ୍ପିଟାଲକୁ ନିଆଯାଇଛି । ଜଣେ ବ୍ୟକ୍ତିଙ୍କର ଅବସ୍ଥା ଗୁରୁତର ଥିବା କୁହାଯାଇଛି । ସେହି ବିମାନଟି ହଠାତ୍ ଖସିଆସିବା ସମୟରେ ବିମାନଯାତ୍ରୀମାନେ ସିଟ୍ ବେଲ୍‌ଟ ଲଗାଇ ନଥିଲେ । ବିମାନଟି ଅକ୍‌ଲ୍ୟାଣ୍ଡ ବିମାନ ବନ୍ଦରରେ ନିର୍ଦ୍ଧାରିତ ସମୟରେ ଅବତରଣ କରିଥିଲା ।